Gramin Krishi Mausam Seva
India Meteorological Department
Odisha University of Agriculture and Technology
Bhubaneswar -751 003

Dr.T.R Mohanty                    ସପ୍ତାହ – ୫୦                    ନ.- ୧୮୧୪ (ଓଡିଆ
ବୁଲେଟିନ)
Nodal Officer                                                  ତାରିଖ-
୧୫.୧୨.୨୦୨୦

(ସୌଜନ୍ୟ – ଓୟୁଏଟିସ୍ଥିତ କୃଷିପାଣିପାଗ ଉପବିଭାଗ ଓ ଓଡ଼ିଶା ସରକାରଙ୍କ କୃଷି ନିର୍ଦ୍ଦେଶାଳୟ, ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ଓ ମତ୍ସ୍ୟ ନିର୍ଦ୍ଦେଶାଳୟ)

## ବିଶେଷ ସୂଚନା

- ଏଫ.ଏ.କ୍ୟୁ ମାନ ର ଧାନ କହିଲେ ବିକ୍ରୟ ପାଇଁ ପ୍ରସ୍ତୁତ ଶୁଖିଲା, ପରିଷ୍କାର, ସମଆକାର, ସମରଙ୍ଗ,ଫିନପି ଓ ପୋକ ସଂକ୍ରମଣ ରହିତ ଖାଦ୍ୟ ଉପଯୋଗୀ ଧାନ କୁ ବୁଝାଏ। ଏଫ.ଏ.କ୍ୟୁ ମାନ ର ଧାନ ରେ ସର୍ବୋଚ ବାହ୍ୟ ପଦାର୍ଥ ପରିମାଣ ସ୍ଥିର କରାଯାଇଅଛି। ବାଲି,ମାଟି, ଗୋଡି, ଧୁଳି, ଆଦି ଅଜୈବିକ ବାହ୍ୟ ପଦାର୍ଥ ସର୍ବୋଚ ଶତକଡା ୧ ଭାଗ ରହିବା ଦରକାର। କାଠି, କୁଟା, ଅଗାଡି, ଘାସ ମଞ୍ଜି ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ ସର୍ବୋଚୋ ଶତକଡା ୨ ଭାଗ ନିର୍ଧାରଣ କରାଯାଇଥାଏ। ପୋକରା, ବେରଙ୍ଗୀ, ଗଜାଧାନ ଓ ଭଙ୍ଗାଧନ, ସର୍ବୋଚୋ ଶତକଡା ୪ ଭାଗ ସହିତ, ଆର୍ଦ୍ରତା ବା ଜଳୀୟଅଂଶ ଶତକଡା ୧୭ ଭାଗ ରହିବା ଦରକାର।
- କାଦୁଅ ତଳି ଘରା ପ୍ରସ୍ତୁତି – ଜମି କୁ ଭଲ ଉପାୟରେ କାଦୁଅ କରନ୍ତୁ ଓ ସମାନ କରନ୍ତୁ। ଗଯା ହୋଇଥିବା ଧାନ କୁ ନର୍ସରୀ ଆରଇ ବୁଣନ୍ତୁ। ବୁଣିବା ପୂର୍ବରୁ ଅଗାଡି ଧାନ କୁ ୧୦ ଲିଟର ପାଣି ସହିତ ୧୬୫ ଗ୍ରାମ ଲୁଣ ମିଶାଇ ଅଗାଡି ଧାନକୁ ସେଥିରେ ପକାଇ ଦିଅନ୍ତୁ ଯାହାଦ୍ଵାରା ଅଗାଡି ଧାନ ଅଲଗା ହେବ । ଏହାପରେ ଜଳ ନିଷ୍କାସିତ କରି ସଫା କରିଦିଅନ୍ତୁ ଏବ ଶୁଖିଲା ବସ୍ତା ରେ ରଖିଦିଅନ୍ତୁ।
- ଆଳୁ ଫସଲରେ କୋଡା ଖୁସା କରି ଘାସ ବାଛି ଦିଅନ୍ତୁ । ହୁଡା ଚଉଡା ଓ ମଜଭୁତ ରଖିଲେ ଜଳ ଧାରଣ କ୍ଷମତା ବଢିଥାଏ । ମାଟିର କିସମ ବତର ଦେଖି ସିଆର ରେ ପ୍ରତି ୭ ରୁ ୮ ଦିନ ବ୍ୟବଧାନ ରେ ଜଳ ସେଚନ କରନ୍ତୁ । ସିଆରରେ ଜଳ ସେଚନ କରିବା ସମୟରେ ହୁଡାର ୨/୩ ଅଂଶ ବୁଡିବା ପର୍ଯ୍ୟନ୍ତ ପାଣି ଦିଅନ୍ତୁ ।
- ପିଆଜ ତଳି ୮ ସପ୍ତାହ ର ହୋଇଗଲେ ମୁଖ୍ୟ ଜମିରେ ଲଗାନ୍ତୁ ।
- ସୋରିଷ ମଞ୍ଜି ବୁଣିବାର 15 ଦିନ ହୋଇଯାଇଥିଲେ ଧାଡି ରେ ଥିବା ଅଧିକ ଗଛ କୁ ଉପାଡି ପତଳା କରି ଦିଅନ୍ତୁ ଯେପରିକି ଗଛ କୁ ଗଛ 10 ସେମି ବ୍ୟବଧାନରେ ରହିବା।
- ଉପରବେଳା ସମୟରେ କୋବି ଜାତୀୟ ଚାରା ରୋପଣ କରନ୍ତୁ ।
- ଉଚ୍ଚ ମଧ୍ୟମ ଜମିରେ ପ୍ରାକ – ରବି ଫସଲ ଯଥା ମୁଗ, ବିରି , କୋଳଥ, ରାଶି ଏବଂ କାକୁଡି ଜାତୀୟ ଫସଲ ଚାଷ କରନ୍ତୁ ।
- ପନିପରିବା ଫସଲ ଯଥା ମଟର, ଗାଜର, ମୂଳା ଆଦି ଲଗାନ୍ତୁ ।
- ସର୍ବଦା ମନେରଖିବା ଉଚିତ ଯେ ପାଗ ପରିଷ୍କାର ଥିବା ସମୟରେ ଔଷଧ ପ୍ରୟୋଗ କରିବେ ।
- ଫସଲ ଗୁଡ଼ିକୁ ୭-୮ ଦିନ ବ୍ୟବଧାନ ରେ ଜଳ ସେଚନ କରନ୍ତୁ।

ଧାନ : ଅମଳ

ଧାନ ଅମଳ କରିବାର 15 ଦିନ ପୂର୍ବରୁ ଜମି ରୁ ପାଣି କାଟି ଦିଅନ୍ତୁ । କେଣ୍ଡା ରେ ଶତକଡା 85 ଭାଗ ଧାନ ପାଚି ଯାଇଥିଲେ କିମ୍ବା ହଳଦିଆ ବା ସୁନା ରଙ୍ଗର ଦେଖାଯାଉଥିଲେ ଅମଳ କରନ୍ତୁ । ବିହନ ପାଇଁ ଧାନ ରଖିବାକୁଥିଲେ ହିଡ ଠାରୁ 1 ମିଟର ଛାଡି ମଝି ଭାଗ ର ଧାନ କାଟନ୍ତୁ । ଧାନ ଅମଳ ପରେ ଦିନକୁ 8 ଘଣ୍ଟା, ଦୁଇ ରୁ ତିନି ଦିନ ସିମେଣ୍ଟ ଚଟାଣ ରେ କିମ୍ବା 200-ମାଇକ୍ରନ କଳା ପଲିଥିନ ଉପରେ 2.5 ସସମି ଉଚ୍ଚରେ ଶୁଖାଇ ଦେଲେ ଆର୍ଦ୍ଧତା ଶତକଡା 14 କୁ ଖସିଆସେ । ବିହନ ପାଇଁ ଧାନ ରଖିବାକୁ ଥିଲେ ଆର୍ଦ୍ଧତା ଶତକଡା 12 ଭାଗ ରଖନ୍ତୁ।

ଧାନ : + ଏଫ.ଏ.କ୍ୟୁ ମାନ + ସର୍ବନିମ୍ନ ସହାୟକ ମୂଲ୍ୟ

ଏହି ମାନ କୁ ଏଫ.ଏ.କ୍ୟୁ_ବା ଫେୟାର ଆଭରେଜ କ୍ୱାଲିଟି କୁହାଯାଏ। ଏଫ.ଏ.କ୍ୟୁ ମାନର ଧାନ କହିଲେ ବିକ୍ରୟ


682c40368b03d18d1966791e4b120f9fcea0b0e54807ffd766e7bc006869ee22

ପାଇଁ ପ୍ରସ୍ତୁତ ଶୃଙ୍ଖଳା, ପରିଷ୍କାର,ସମଆକାର, ସମରଙ୍ଗ, ଫିମ୍ପି ଓ ପୋକ ସଂକ୍ରମଣ ରହିତ ଖାଦ୍ୟ ଉପଯୋଗୀ ଧାନ କୁ ବଝାଏ। ଏଫ.ଏ.କ୍ୟୁ_ମାନ ର ଧାନରେ ସର୍ବୋଚ ବାହ୍ୟ ପଦାର୍ଥ ପରିମାଣ ସ୍ଥିର କରାଯାଇ ଅଛି। ବାଲି , ମାଟି , ଗୋଡି, ପଥର , ଧୂଳି ଆଦି ଅଜୈବିକ ବାହ୍ୟ ପଦାର୍ଥ ସର୍ବୋଚ ଶତକଡା ୧ ଭାଗ ରହିବା ଦରକାର। କାଠି, କୁଟା, ଅଗାଡି, ଘାସ ମଞ୍ଜି ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ ସର୍ବୋଚ ଶତକଡା ୨ଭାଗ ନିର୍ଧାରଣ କରାଯାଇଥାଏ। ପୋକରା, ବେରଙ୍ଗୀ, ଗଜାଧାନ ଓ ଭଙ୍ଗାଧାନ, ସର୍ବୋଚ ଶତକଡା4 ଭାଗ ସହିତ, ଆର୍ଦ୍ରତା ବା ଜଳୀୟାଂଶ ଶତକଡା 17 ଭାଗ ରହିବା ଦରକାର। ପ୍ରତି ବର୍ଷ ଖରିଫ ଓ ରବିଋତୁ ପାଇଁ କେନ୍ଦ୍ର ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ସ୍ଥିର କରିଥାନ୍ତି। ଚଳିତ ବର୍ଷ କେନ୍ଦ୍ର ସରକାର ଖରିଫ ଋତୁରେ ଅମଳ ହୋଇଥିବା ସାଧାରଣ ଧାନ କିସମ ପାଇଁ କ୍ୟୁଇଣ୍ଟାଲ ପ୍ରତି ଟ. 1868/- ଏବଂ ଗ୍ରେଡ "A" ଧାନ କିସମ ପାଇଁ କ୍ୟୁଇଣ୍ଟାଲ ପ୍ରତି ଟ. 1888/- ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧରଣ କରିଛନ୍ତି। ଏଫ.ଏ.କ୍ୟୁ ମାନ ର ଧାନ ଉତ୍ପାଦନ କରି ସରକାରୀ କ୍ରୟ କେନ୍ଦ୍ରରେ ନିଜର ଧାନ ବିକ୍ରୟ କାଲେ ଠିକ ଦାମ ମିଳିଥାଏ।

<u>ହରଡ</u>

ବର୍ତ୍ତମାନ ସମୟରେ ହରଡ ଫସଲରେ ପତ୍ର ମୋଡା ବା ପତ୍ର ଛନ୍ଦା ପୋକ, ଛୁଇଁବିନ୍ଧା ପୋକ ଏବଂ ବାଘୁଆ ପୋକ ଲାଗିବାର ସମ୍ଭାବନା ରହିଛି । ପତ୍ର ମୋଡା ବା ପତ୍ର ଛନ୍ଦା ପୋକ ଏବଂ ଛୁଇଁବିନ୍ଧା ପୋକର ପରିଚାଳନା ପାଇଁ ଏକର ପ୍ରତି 400-ମି.ଲି **Chlorpyriphos** ଓ **Cypermethrin** ର ମିଳିତ କୀଟନାଶକ ଯାହାକି **Premain Super** ବା **Super 505** ନାମରେ ମିଳୁଛି କିମ୍ବା 400-ମିଲି **Profenophos** ନାମକ କୀଟନାଶକ ଯାହାକି **Prahar** ବା **Celcron** ନାମରେ ମିଳୁଛି, 200 ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ହରଡ ଫସଲରେ ବାଘୁଆ ପୋକର ପରିଚାଳନା ପାଇଁ ପୋକ ଗୁଡକୁ ହାତରେ ସଂଗ୍ରହ କରି କିରୋସିନ ମିଶା ପାଣିରେ ପକାଇ ମାରି ଦିଅନ୍ତୁ କିମ୍ବା ମାଟିରେ ଗାତ ଖୋଳି ପୋତି ମାରି ଦିଅନ୍ତୁ ।

<u>ଚିନାବାଦାମ</u>

ଚିନାବାଦାମ ଫସଲରେ ଘାସ ନିୟନ୍ତ୍ରଣ ପାଇଁ ବିହନ ବୁଣି ବାର 1-2 ଦି ମଧସର, 80-ମି.ଲି **Oxyfluorfen** ନାମକ ଘାସମରା ଔଷଧ ଯାହାକି **Oxygold** ବା **Galigan** ନାମସର ମିଳୁଛି କିମ୍ବା ୧ ଲିଟର **Pendimethalin** ନାମକ ଘାସମରା ଔଷଧ ଯାହାକି **Stomp** ବା **Pendiherb** ନାମସର ମି ଳଛି, 200 ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ମଞ୍ଜି ବୁଣିବାର 3-ଦିନ ମଧରେ କୌଣସି ଘାସମରା ଔଷଧ ପ୍ରୟୋଗ କରିନଥିଲେ ମଞ୍ଜି ବୁଣିବାର 15 ଦିନ ମଧରେ ଏକର ପ୍ରତି 300-ମିଲି **Imazethapyr** ନାମକ ଘାସମରା ଔଷଧ ଯାହାକି **Weed Block** ବା **Lagaam** ନାମସର ମି ଳଛି କି ମବ ା 400-ମିଲି **Quizalofop Ethyl** ନାମକ ଘାସମରା ଔଷଧ ଯାହାକି **Targa Super** ବା **Hakama** ନାମସର ମି ଳଛି 200 -ିେ ଟର ପାଣି ସର ମିଶାଇ ସିଂଚନ କରନ୍ତୁ । ସବବ ଦା ଘାସମରା ଔଷଧ କୁ ସଫା ପାଣିରେ ମିଶାଇ ମାଟି ବତର ଥିବା ଅବସ୍ଥାସର ଫ୍ଲ୍ୟାଟ ଫ୍ୟାନ କିମ୍ବା ଫ୍ଲଡ ଜେଟ ନୋଜାଲ ଥିବା ସ୍ପ୍ରେୟାର ରେ ସିଂଚନ କରନ୍ତୁ

<u>ଆଖୁ</u>

ବର୍ତ୍ତମାନ ସମୟରେ ଆଖୁ ଫସଲ ରେ ପତ୍ର ଡିଆଁ ବା ଜାହାଜ କୀଟ ଲାଗିବାର ସମ୍ଭାବନା ଅଛି ଆଖୁ ଫସଲରେ ପତ୍ର ଡିଆଁ ବା ଜାହାଜ କୀଟ ର ପରିଚାଳନା ପାଇଁ ଏକର ପ୍ରତି ୬୦ ମିଲି **Imidacloprid** ନାମକ କୀଟନାଶକ ଯାହାକି **Tatamida** ବା **Confider** ବା **Media** ନାମରେ ମିଳୁଛି କିମ୍ବା ୪୦ ଗ୍ରାମ **Thiamethoxam** ନାମକ କୀଟନାଶକ ଯାହାକି **Actara** ବା **Areva** ବା **Evident** ନାମରେ ମିଳୁଛି କିମ୍ବା ୪୦୦ ମିଲି **Profenophos** ନାମକ କୀଟନାଶକ ଯାହାକି **Prahar** ବା **Celcron** ବା **Jashn** ନାମରେ ମିଳୁଛି , 200 ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

<u>କପା</u>

ଶୃଙ୍ଖଳା ପାଗ ଦେଖି ସକାଳ 9ଟା ପରେ କାକର ଶୁଖି ଗଲା ପରେ କପା ତୋଳନ୍ତୁ । କପା ତୋଳିବା ପାଇଁ ସଫା କନା ମୁଣା ବା ବାସ୍କେଟ ବ୍ୟବହାର କରନ୍ତୁ । କପା ତୋଳିବା ସମୟରେ ଶଖିଲା ପତ୍ର , କାଠି ଆଦି ବାହାର କରିଦବା ଉଚିତ। ଅମଳ ହୋଇଥିବା କପା କୁ ସିମେଣ୍ଟ ଚଟାଣ ବା ଟାରପୋଲିନ ପାଲ ଉପରେ ଟାଣ ଖରାରେ 2 ରୁ 3 ଘଣ୍ଟା ଶଖାନ୍ତୁ । ପ୍ରଥମ ତୋଳା, ଦ୍ୱିତୀୟ ତୋଳା ଏବଂ ତୃତୀୟ ଥର ତୋଳା କପା କୁ ଅଲଗା ରଖନ୍ତୁ । ଏକ ରୁ ଅଧିକ କିସମ ର କପା ଚାଷ କରୁଥିଲେ କିସମ ଅନୁସାରେ ତୁଳା କୁ ଅଲଗା ରଖନ୍ତୁ । କପା ରେ ଧୂଳି, ମାଟି,ପଲିଥିନ ଇତ୍ୟାଦି ମିଶିବାକୁ ଦିଅନ୍ତୁ ନାହିଁ। ଚଳିତ ବର୍ଷ କେନ୍ଦ୍ର ସରକାର ମଧମ ତନ୍ତୁ ଯୁକ୍ତ ତୁଳା ପାଇଁ କ୍ୟୁଇଣ୍ଟାଲ ପ୍ରତି ଟ. 5515/- ଓ ଲମ୍ବ ତନ୍ତୁ ଯୁକ୍ତ ତୁଳା ପାଇଁ ଟ. 5825/- ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି।

<u>ସୋରିଷ</u>

ମଞ୍ଜି ବୁଣିବାର 15 ରୁ 20 ଦିନ ହୋଇଯାଇଥିଲେ ଧାଡି ରେ ଥିବା ଅଧିକ ଗଛ ଗଡିକୁ ଓପାଡି ପତଳା କରି ଦିଅନ୍ତୁ ଯେପରିକି ଗଛକୁ ଗଛ 10 ସେ.ମି. ବ୍ୟବଧାନ ରହିବ। ବୁଣିବାର 3 ସପ୍ତାହ ପରେ କୋଡା ଖୁସା କରି ଘାସ ବାଛି ଦିଅନ୍ତୁ

ଏବଂ ଜଳସେଚିତ ସୋରିଷ ପାଇଁ ଏକର ପ୍ରତି 21 କିଲୋଗ୍ରାମ ୟୁରିଆ ସାର ଧାଡି ମଧ୍ୟରେ ପ୍ରୟୋଗ କରନ୍ତୁ । ଆଗରୁ ବୁଣା ଯାଇଥିବା ସୋରିଷ ଫସଲରେ ଜଉ ପୋକ ଲାଗି ବାର ସମ୍ଭାବନା ଅଛି। ପ୍ରାଥମିକ ଅବସ୍ଥାରେ ଜଉ ପୋକ ର ପରିଚାଳନା ପାଇଁ ଏକର ପ୍ରତି 8-ଟି ହଳଦିଆ ଅଠାଯୁକ୍ତ ଯନ୍ତା ରଖନ୍ତୁ । ଜଉ ପୋକର ରାସାୟନିକ ପରିଚାଳନା ପାଇଁ ଏକର ପ୍ରତି 40-ଗ୍ରାମ Thiamethoxam ନାମକ କୀଟନାଶକ ଯାହାକି Actara ବା Areva ନାମରେ ମିଳୁଛି କିମ୍ୱା 50-ଗ୍ରାମ Acetamiprid ନାମକ କୀଟନାଶକ ଯାହାକି Dhanpreet ବା Manik ନାମରେ ମିଳୁଛି, 200-ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

## ଉଦ୍ୟାନ ଫସଲ

### ଆଳୁ

ଆଳୁ ଲଗଇବାର 3 ସପ୍ତାହ ବେଳ କୁ କୋଡା ଖୁସା କରି ଘାସ ବାଛି ଦିଅନ୍ତୁ ।ଏହା ପରେ ଏକର ପ୍ରତି 26 କିଲୋଗ୍ରାମ ୟୁରିଆ ଏବଂ 20 କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର କୁ ଆଳଗଛ ଧାଡିର ଦୁଇ ପାଖରେ 3-4 ସେମି ଦୂରତା ରେ 2-3 ସେମି ଗଭୀର ରେ ପ୍ରୟୋଗ କରି ହୁଡ଼ା ଟେକି ଦିଅନ୍ତୁ । ପ୍ରଥମେ ହୁଡା ଦେବାର 3 ସପ୍ତାହ ବେଳକୁ ଆଳୁ ଗଛ ଦୁଇ ଧାଡି ମଝି ମାଟିକୁ ଭଲ ଭାବରେ ଖୁସାଇ ଘାସ ବାଛି ଦିଅନ୍ତୁ । ଏହି ସମୟ ରେ ଏକର ପ୍ରତି 26 କିଲୋଗ୍ରାମ ୟୁରିଆ ଏବଂ 20 କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର କୁ ଆଳୁ ଗଛ ଧାଡିର ଦୁଇ ପାଖରେ ପ୍ରୟୋଗ କରି ହୁଡା ଟେକି ଦିଅନ୍ତୁ । ହୁଡା ଚଉଡା ଓ ମଜଭୁତ ରଖିଲେ ଜଳଧାରଣ ଶକ୍ତି ବଢିଥାଏ ଏବଂ ଆଳୁ ଗଛ ଭଲ ଭାବରେ ବଢି ଅମଳ ଭଲ ହୋଇଥାଏ। ମାଟି ର କିସମ ଓ ବତର ଦେଖି ସିଆର ରେ ପ୍ରତି 7-8 ଦିନ ବ୍ୟବଧାନ ରେ ଜଳସେଚନ କରନ୍ତୁ । ସିଆର ରେ ଜଳସେଚନ କରିବା ସମୟ ରେ ହୁଡା ର ୨/୩ ଅଂଶ ବୁଡିବା ପର୍ଯ୍ୟନ୍ତ ପାଣି ଦିଅନ୍ତୁ।

### ପିଆଜ

ଆମ ଓଡିଶାର ଜଳବାୟୁ ହିସାବରେ ଶୀତଦିନରେ ଭଲ ଅମଳ ହେଉଥିବା ପିଆଜର କେତୋଟି କିସମ ଗୁଡକି ହେଲା **Agrifound Light Red, Agrifound Dark Red, Bhima Shakti, Bhima Super** ଇତ୍ୟାଦି । ଏକ ଏକର ପିଆଜ ଚାଷ କରିବା ପାଇଁ 4-କିଲୋଗ୍ରାମ ବିହନ ତଳି ପକେଇବା ପାଇଁ ଆବଶ୍ୟକ ହୁଏ । ତଳି ପଟାଳିରେ ବିହନ ଲଗେଇବା ପୂର୍ବରୁ ଏକ କିଲୋଗ୍ରାମ ବିହନରେ 2-ଗ୍ରାମ-Carbendazim ନାମକ ଫିମ୍ପିନାଶକ ଯାହାକି Bavistin ବା Dhanustin ନାମରେ ମିଳୁଛି କିମ୍ୱା 3-ଗ୍ରାମ Carboxin ଓ Thiram ର ମିଳିତ ଫିମ୍ପିନାଶକ ଯାହାକି Vitavax Power ବା Vaccinator power ନାମରେ ମିଳୁଛି, ବିହନରେ ଗୋଳାଇ ବିଶୋଧନ କରନ୍ତୁ । ପିଆଜ ତଳି 8- ସପ୍ତାହର ହୋଇଗଲେ ମୁଖ୍ୟ ଜମିରେ ଲଗାଯାଏ।

### ବାଇଗଣ ଓ ବିଲାତି ବାଇଗଣ

ବାଇଗଣରେ ଗଣ୍ଡି ଏବଂ ଫଳ ବିନ୍ଧା ପୋକର ଆକ୍ରମଣ ଦେଖାଦେଲେ ଆକ୍ରାନ୍ତ ଗଛର ଅଗ ଡାଳଟି ଝାଉଁଳି ପଡେ ଓ ପରେ ଏହି ଝାଉଁଳି ଥିବା ଡାଳଟି ଶଖିଯାଏ। ଫଳ ଅବସ୍ଥାସର ଶୁକ ଗୁଡିକ ଡାଳ ଅପେକ୍ଷା, ଫଳ ଗୁଡ଼ିକୁ ବେଶି ଆକ୍ରମଣ କରିଥାନ୍ତି। ଏହି ପୋକର ପରିଚାଳନା ପାଇଁ ପ୍ରଥମେ ଜମି ରୁ ଆକ୍ରାନ୍ତ ଡାଳ, ପତ୍ର ଓ ଫଳ ଗୁଡିକୁ ସଂଗ୍ରହ କରି ଦୂରରେ ନଷ୍ଟ କରିଦିଅନ୍ତୁ । ଏହି କୀଟର ପରିଚାଳନା ପାଇଁ ଏକର ପ୍ରତି, Leucin Lure ଥିବା ସଙ୍ଗ ଆକଷର୍କ ଯନ୍ତାରୁ 20 ଟି ରଖନ୍ତୁ । ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି 600-ମିଲି ନିମ୍ବ ଆଧାରିତ କୀଟନାଶକ 1500 PPM Azadirachtin କୁ 200- ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ବାଇଗଣ ଫସଲରେ ଯଦି, ଶତକଡା 4-ଭାଗ ଅଗ ଝାଉଁଳା ବା ଶତକଡା 14-ଭାଗ ପୋକଡା ଫଳ ଦେଖୁଛନ୍ତି ତାହେଲେ ରାସାୟନିକ ଔଷଧ ପ୍ରୟୋଗ କରନ୍ତୁ । ଏହି ପୋକର ରାସାୟନିକ ଉପାୟରେ ପରିଚାଳନା ପାଇଁ ଏକର ପ୍ରତି 75-ମି.ଲି Spinosad ନାମକ କୀଟନାଶକ ଯାହାକି Charge ବା Trace ନାମରେ ମିଳୁଛି କିମ୍ୱା 80-ଗ୍ରାମ Emamectin Benzoate ନାମକ ଔଷଧ ଯାହାକି EM-1 ବା Proclaim ନାମରେ ମିଳୁଛି କିମ୍ୱା 80-ମି.ଲି Chlorantraniliprole ନାମକ ଔଷଧ ଯାହାକି Coragen ବା Cover ନାମରେ ମିଳୁଛି କିମ୍ୱା 200-ମି.ଲି ସ୍ପାଇସନସଟାରାମ ନାମକ ଔଷଧ ଯାହାକି Delegate ବା Largo ନାମସର ମିଳୁଛି, 200-ଲି ଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଏହି କୀଟନାଶକ ମଧ୍ୟରୁ ଯେକୌଣସି ଗୋଟିଏ କୁ ବାରମ୍ୱାର ପ୍ରଯୋଗ ନକରି ଅଦଳ ବଦଳ କରି ପ୍ରତି 15-ଦିନଅନ୍ତରରେ ସିଂଚନ କରନ୍ତୁ।

### ଲଙ୍କାମରିଚ : ସାର ପରିଚାଳନା + ହରମୋନ ପ୍ରୟୋଗ + ଜଳସେଚନ

ଲଙ୍କାମରିଚ ଲଗାଇବାର ୨୦-୨୫ ଦିନ ହୋଇଗଲେ କୋଡା ଖୁସା କରି ଘାସ ବାଛି ଦିଅନ୍ତୁ ଓ ଏକର ପ୍ରତି ୩୦ କିଲୋଗ୍ରାମ ୟୁରିଆ ସହିତ ୨୫ କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ପ୍ରୟୋଗ କରି ହୁଡା ଟେକି ଦିଅନ୍ତୁ । ଲଙ୍କମରିଚ ଫସଲ ୫୦-୫୫ ଦିନର ହୋଇଗଲେ ଆଉଥରେ ଏକର ପ୍ରତି ୩୦ କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରନ୍ତୁ । ଲଙ୍କାମରିଚ ଫସଲରେ ଜଳସେଚନ ଅତି ଗୁରୁତ୍ୱପୂର୍ଣ। ବିଶେଷ କରି ଫୁଲ ଫୁଟିବା ସମୟରେ ମାଟି ଶୁଖିଗଲେ ଫୁଲ ଝଡିପଡେ । ତେଣୁ ମାଟିର ବତର ଦେଖି ୧୦-୧୨ ଦିନ ଅନ୍ତରରେ ଜଳସେଚନ କରନ୍ତୁ । ଲଙ୍କାମରିଚ ଫସଲରେ ଫୁଲ ନ ଝଡିବା ପାଇଁ ଫୁଲ ଆସିବା ସମୟରେ ଥରେ ଏବଂ 20 -30 ଦିନ ପରେ ଆଉଥରେ 3.5 ମିଲି Alpha Naphthyl Acetic Acid (NAA) ନାମକ ହରମୋନ ଯାହାକି Planofix ବା Agrona ବା Plantaid ନାମରେ ମିଳୁଛି ପ୍ରତି 15 ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

### କୋବି ଜାତୀୟ ପନିପରିବା : (ଫୁଲ କୋବି ଓ ବନ୍ଧା କୋବି ) + ପୋକ ପରିଚାଳନା

ଆଗୁଆ ଲଗାଯାଇଥିବା କୋବି ଜାତୀୟ ଫସଲରେ ବର୍ତ୍ତମାନ ସମୟରେ ଠିକିରି ପିଠିଆ ପୋକ ଲାଗିବାର ସମ୍ଭାବନା ଅଛି । ଠିକିରି ପିଠିଆ ପୋକ ର ସୁଉକା ଗୁଡିକ ପତ୍ର ତଳପଟେ ପତ୍ର ଭିତରକୁ ପଶି ସବୁଜ ଅଂଶ କୋରି ଖାଆନ୍ତି । ଏମାନଙ୍କ ଦ୍ଵାରା ଆକ୍ରାନ୍ତ ପତ୍ର ଗୁଡିକ ଧଳା ଦିଶେ । ପରବର୍ତ୍ତୀ ଅବସ୍ଥାରେ ଏମାନେ ବନ୍ଧାକୋବି ଭିତର କୁ ପ୍ରବେଶ କରି ଏହାର କଅଁଳିଆ ମଝି ପତ୍ର କୁ ଖାଆନ୍ତି ଏବଂ ମଳ ତ୍ୟାଗ କରନ୍ତି । ଆକ୍ରାନ୍ତ କୋବି ଖାଇବା ଅନୁପଯୋଗୀ ହୋଇଥାଏ । କୋବି ଫସଲରେ ଠିକିରି ପିଠିଆ ପୋକ ର ପରିଚାଳନା ପାଇଁ ଏକର ପ୍ରତି 6 -8 ଟି ଆଲୋକ ଜନତା ଲଗାନ୍ତୁ । ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି 1 ଲିଟର ନିମ୍ବ ଆଧାରିତ କୀଟନାଶକ 300 PPM  Azadirachtin କୁ 200 ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ରାସାୟନିକ ଉପାୟରେ ଏହି କୀଟ ର ପରିଚାଳନା ପାଇଁ ଏକର ପ୍ରତି 400 ମିଲି Tolfenpyrad ନାମକ କୀଟନାଶକ ଯାହାକି (Keefun) ନାମରେ ମିଳୁଛି କିମ୍ବା 20 ଗ୍ରାମ Flubendiamide ନାମକ କୀଟନାଶକ ଯାହାକି Fluton ବା Takumi ନାମରେ ମିଳୁଛି କିମ୍ଵା 80 ଗ୍ରାମ Emamectin Benzoate 5 % SG (EM- 1 ବା Proclaim ନାମରେ ମିଳୁଛି 200 ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

**ଫଳଚାଷ**

**ପଶୁ ସମ୍ପଦ**

- ଘର ବାଡି  ଉନ୍ନତ କିସମର ଅଣ୍ଡାଦିଆ କୁକୁଡା  ପାଳନ କରନ୍ତୁ |
- କ୍ଷୀର ଦେବା ଗାଇକୁ  (2 ଲିଟର) ଏକ କିଗ୍ରା ଦାନା ସହିତ 50 ଗ୍ରାମ୍ ଖଣିଜ ଲବଣ ଦିଅନ୍ତୁ |

ତୁଷାର ରଞ୍ଜନ ମହାନ୍ତି
ନୋଡାଲ୍ ଅଫିସର,
ଗ୍ରାମୀଣ କୃଷି ମୌସମ ସେବା,ଓ.ୟୁ.ଏ.ଟି

ଅଧକ୍ଷ, ଗବେଷଣା ନିର୍ଦ୍ଦେଶାଳୟ,
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ଵବିଦ୍ୟାଳୟ


682c40368b03d18d1966791e4b120f9fcea0b0e54807ffd766e7bc006869ee22